# କଟକ ସିଟି



## କନ୍ହେଇପୁର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

# ବଡ଼ ପଦ ନୁହେଁ; ଭଲ ମଣିଷ ହେବା ଜରୁରୀ: ସାଂସଦ ମାନସ



ଟାଙ୍ଗୀ,୧୨ ।୧(ସମିସ): ସମ୍ପ୍ରତି ସାମାଜିକ ଚଳଣିରେ ସମସ୍ତେ ଉଚ୍ଚ ପଦବୀ, ବଡ଼ ଚାକିରୀ ଓ ନିଜର ପ୍ରତିଷ୍ଠା ପାଇଁ ଦୌଡୁଛନ୍ତି। ଅଭିଭାବକମାନେ ନିଜ ପିଲାର ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖୁଛନ୍ତି, ପିଲାର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ତେବେ ଏହା ମଧ୍ୟରେ ଏକ ବିଲକ୍ଷଣ ଦେଖିବାକୁ ମିଳୁଛି। ବଡ଼ ମଣିଷ ହେବାକୁ ପରିଶ୍ରମ କରୁଥିବା ପିଲାମାନେ ଉଚ୍ଚ ପଦରେ ଅଧିଷ୍ଠିତ ହେଉଛନ୍ତି; କିନ୍ତୁ ଅନେକ କ୍ଷେତ୍ରରେ 'ବଡ଼ ମଣିଷ' ହେଉ ହେଉ 'ଭଲ ମଣିଷ'ର ସଂଜ୍ଞାଟିକୁ ପାସୋରି ପକାଉଛନ୍ତି। ବଡ଼ ଚାକିରୀ, ବଡ଼ ଘର, ବଡ଼ ଗାଡିର ମାୟା ସମସ୍ତଙ୍କୁ ଗ୍ରାସ କରିଛି। ପରିଣତିସ୍ୱରୂପ ମାନବିକତା ଲୋପ ପାଇ ଚାଲିଛି। ତେଣୁ ବର୍ତ୍ତମାନ ସମୟରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ନିଜ ବିଚାରଧାରରେ ପରିବର୍ତ୍ତନ କରିବା ଆବଶ୍ୟକ। ଉଚ୍ଚ ପଦବୀ ନୁହେଁ; ଭଲ ମଣିଷ ହେବା ଜରୁରୀ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ହାଇସ୍କୁଲ ଶିକ୍ଷା ଶେଷ ହେବା ପରେ ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖିବା ଆରମ୍ଭ କରନ୍ତି। ପ୍ରକୃତ ଜୀବନ ସ୍କୁଲ ଶିକ୍ଷା ପରେ ଆରମ୍ଭ ହୁଏ। ଅଭିଭାବକମାନେ ନିଜ ପିଲାକୁ ଡାକ୍ତର, ଇଞ୍ଜିନିୟର୍, ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ କରିବାକୁ ପ୍ରାଣପ୍ରଣେ ଉଦ୍ୟମ କରିଥାଆନ୍ତି। ଏହା ଏକ ସ୍ୱାଭାବିକ କଥା । ମାତ୍ର ସ୍କୁଲରେ ପଢୁଥିବା ବିଦ୍ୟାର୍ଥୀଟିକୁ ଉଚ୍ଚ ପଦାଧିକାରୀ କରିବା ସହ ଭଲ ମଣିଷଟିଏ ରୂପେ ଦେଖିବାକୁ ଅଭିଭାବକ ଯତ୍ନବାନ ହେବା ଆବଶ୍ୟକ। ସେହିପରି ବିଦ୍ୟାର୍ଥୀ ମଧ୍ୟ ଭବିଷ୍ୟତରେ ଉଚ୍ଚ ପଦ ବା ବଡ଼ ଅଫିସର ହେବା ସହ ଜଣେ ହୃଦୟବାନ ମଣିଷ ରୂପେ ନିଜକୁ ଗଢ଼ି ତୋଳିବା ଜରୁରୀ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଏହା ସହିତ ଏହି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ନିଜ ସାଂସଦ ହାତ ପାଣ୍ଠିରୁ ସହାୟତା ଦେବାକୁ ସେ ଘୋଷଣା କରିଛନ୍ତି।



ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ, ଆଶା'ମଣିଷର ବଡ଼ ଆହ୍ୱାନ। ଛାତ୍ରଛାତ୍ରୀମାନେ ପ୍ରତିଷ୍ଠିତ ହେବା ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ। ଜଣେ ବିବେକଶୂନ୍ୟ ବ୍ୟକ୍ତି ଯେତେ ବଡ଼ ପଦବୀରେ ରହିଲେ ମଧ୍ୟ ତାଙ୍କୁ ଭଲ ମଣିଷ କୁହାଯାଇପାରିବ ନାହିଁ ବୋଲି ଗଣେଶ୍ୱର ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ଓ ସରପଞ୍ଚ ଭରତ ବେହେରା ପ୍ରମୁଖ ବିଦ୍ୟାଳୟ ବିକାଶ ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ସ୍ଥାପନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କ ସହ କାର୍ଯ୍ୟରତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ ଦେଇଥିଲେ। ଶିକ୍ଷାବିତ ଧୀରେନ୍ଦ୍ର କୁମାର ଯେଠୀ, ଯୁବ ସଙ୍ଗଠକ ଜନ୍ମେଜୟ ଖିଲାର, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ସରପଞ୍ଚ ରଶ୍ମୀ ରଞ୍ଜନ ରାଉତ, ସରପଞ୍ଚ ତାପସ କୁମାର ସାହୁଙ୍କ ସମେତ ଟାଙ୍ଗୀ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଡମ୍ବରୁଧର ବେହେରା, 'ଆମ୍'ର ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ,ଅଧ୍ୟାପକ ବିଜୟ ମହାରଣା, ଅଶୋକ ନାଥ, ଭାଗ୍ୟଧର ବେଜ ଓ ମନୋଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## କଟୁରି ଚୋଟରେ ସାଙ୍ଗ ଗୁରୁତର

ତ୍ରିଶୂଳିଆ,୧୨।୧(ସମିସ): ରବିବାର ରାତିରେ ତିନିଜଣ ଅଟୋଚାଳକ ସାଙ୍ଗ କ୍ୱାଟର୍ସ ବାହାରେ ମଦ୍ୟପାନ କରୁଥିବା ବେଳେ କୌଣସି କଥାକୁ ନେଇ ବିବାଦ ଦେଖାଦେଇଥିଲା। ମଦନିଶାରେ କଟୁରିରେ ଆକ୍ରମଣ ଯୋଗୁ ଜଣେ ଆହତ ହୋଇଥିବାବେଳେ ଅନ୍ୟ ଜଣେ କୌଶଳକ୍ରମେ ଖସିଯାଇଛନ୍ତି। ଖବରପାଇ ପୁଲିସ ପହଞ୍ଚି ଆହତକୁ ଚିକିତ୍ସା ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ପପୁନି ନାୟକ, ଲିପୁ ନାୟକ ଓ ଲିପୁନ ଦାସ ଭୁବନେଶ୍ୱର ଉପକଣ୍ଠରେ ଅଟୋ ଚଳାନ୍ତି। ରବିବାର ଦିନ ୩ ଜଣ ସାଙ୍ଗ ମିଶି ଡମଣା ତାରିଣୀ ବସ୍ତିରେ ଭୋଜି କରୁଥିଲେ। ସନ୍ଧ୍ୟାରେ ବାରଙ୍ଗ ବଙ୍ଗାଳି ସାହି ପାଖ



କାରାଖାନା କ୍ୱାଟରରେ ରହୁଥିବା ଲିପୁନ ଦାସଙ୍କୁ ଛାଡିବାକୁ ଓଡି ୦୫ବିଏଲ-୩୦୫୯ ନଂ ଅଟୋରେ ପପୁନି ନାୟକ ଓ ଲିପୁ ନାୟକ ମାମୁଁ ଭଣଜା ଆସିଥିଲେ। ଏଠାରେ ପୁଣି ୩ ଜଣ ମିଶି ନିଶାସେବନ କରିଥିଲେ। ନିଶାସକ୍ତ ଅବସ୍ଥାରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ପରବର୍ତ୍ତି ସମୟରେ ଏହି ଘଟଣା ଉଗ୍ରରୂପ ଧାରଣ କରିଥିଲା। ଲିପୁନ ଫିଲ୍ମିଷ୍ଟାଇଲରେ ଅଟୋ ଭିତରେ ଥିବା ଏକ କଟୁରୀକୁ ଆଣି ଲିପୁକୁ ଗୋଡାଇ ହାଣିଥିଲା। ଲିପୁର ବାମହାତରେ ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରୁ ଲିପୁନ ଫେରାର ହୋଇଯାଇଥିଲା। ଖବରପାଇ ବାରଙ୍ଗଥାନା ପୁଲିସ ଆହତ ଲିପୁକୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ନେଇଥିବା ବେଳେ ଅଟୋକୁ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୬

କନ୍ଦରପୁର, ୧୨।୧(ସମିସ): ୫୫ ନମ୍ବର ଜାତୀୟ ରାଜପଥର କନ୍ଦରପୁର ଥାନା ଫକିରପଡ଼ା ନିକଟରେ ଏକ କାର ରାସ୍ତା କଡ଼କୁ ପଲଟିଯିବାରୁ ସେଥିରେ ଥିବା ୬ ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନାରୁ ପ୍ରକାଶ ଉକ୍ତ କାର ଆଜି ରବିବାର ଦିନ ୧୧ଟା ବେଳେ କଟକରୁ କନ୍ଦରପୁର ଆଡକୁ ଆସୁଥିବା ବେଳେ ଫକିରପଡ଼ା ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ ଖାଲକୁ ପଲଟି ଯାଇଥିଲା। ସ୍ଥାନୀୟ ଲୋକେ କାରର କାଚ ଭାଙ୍ଗି ଯାତ୍ରୀଙ୍କୁ ଉଦ୍ଧାର କରିବା ସହିତ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ତଦନ୍ତ ଚଳାଇଥିଲେ ହେଲେ କାରରେ ଥିବା ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡିଛି।

## ବାଲିକୁଦା ଅଞ୍ଚଳରେ ମାତିଛନ୍ତି ଜମି ମାଫିଆ ଓ ଦଲାଲ୍



କଟକ,୧୨।୧(ସମିସ): ସରକାରୀ ଜାଗାକୁ ବେଆଇନ୍ ପ୍ଲଟିଂ କରି, ମୂଲ୍ୟବାନ ଗଛଗୁଡିକୁ କାଟି ପକାଇ ସେଠାରେ ଘର ନିର୍ମାଣ କରି ଭଡା ଦେଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଛନ୍ତି ସ୍ଥାନୀୟ ଅଞ୍ଚଳର କିଛି ଜମିମାଫିଆ ଓ ଦଲାଲ। ବେଆଇନ୍ କୋଠା ମଧ୍ୟ ନିର୍ମାଣ କରୁଛନ୍ତି। ଉକ୍ତ ଘରକୁ ପାଣି ଏବଂ ବିଦ୍ୟୁତ୍ କିପରି ସଂଯୋଗ ଦିଆଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଭାବନୀୟ, ସ୍ପର୍ଶକାତର ଓ ଗୁରୁତ୍ୱର ଘଟଣାକୁ ନେଇ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳ ବାସିନ୍ଦା। ଏହି ଘଟଣାକୁ ଗମ୍ଭୀରତାର ସହିତ ବିଚାରକୁ ନେଇ ତୁରନ୍ତ, ଏହି ଘଟଣାରେ ସଂପୃକ୍ତ ମାଫିଆ, ଦଲାଲ୍, ଅସାଧୁ ମେଣ୍ଟ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ସରକାରୀ ଜମିକୁ ଉଦ୍ଧାର କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। କଟକ ସଦର ଥାନା ଅନ୍ତର୍ଗତ ଓ କଟକ ମହାନଗର ନିଗମ ୫୬ ୱାର୍ଡ ଅଧୀନ, ସଦର ତହସିଲ ଗୋପାଳପୁର ରାଜସ୍ୱ ନୀରିକ୍ଷକଙ୍କ ଅଧୀନ ବାଲିକୁଦା ରଜକ ସାହିର କିଛି ଅଂଶ, ସାମଲ ସାହିର କିଛି ଅଂଶ ରେଳବାଇ ପଡିଆର କିଛି ସରକାରୀ ଜମିକୁ ମଧ୍ୟ ବେଆଇନ ଦଖଲ କରି ସେଠାରେ ବେଆଇନ ଘର ନିର୍ମାଣ, ବେଆଇନ ଘରଭଡା ଆଦାୟ କରୁଛନ୍ତି।

- ସରକାରୀ ଜାଗାକୁ ବେଆଇନ୍ ପ୍ଲଟିଂ କରି ବିକ୍ରି
- ଘର ନିର୍ମାଣ କରି ଲକ୍ଷାଧିକ ଟଙ୍କା ଆଦାୟ ଅଭିଯୋଗ

## ମୋଟର କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ



କଟକ,୧୨।୧(ସମିସ): କଟକ ମୋଟର କର୍ମଚାରୀ ୟୁନିଅନର ପାଲାମଣ୍ଡପସ୍ଥିତ କାର୍ଯ୍ୟାଳୟରେ ଘରୋଇ ବସ୍ କର୍ମଚାରୀଙ୍କ ଉପସ୍ଥିତିରେ ଗଗନ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘର ନୂତନ କର୍ମକର୍ତ୍ତାମାନଙ୍କ ନିର୍ବାଚନ ମଧ୍ୟ ଆଜି ଅନୁଷ୍ଠିତ ହୋଇଛି। ସଭାପତି ଭାବେ ବସନ୍ତ କୁମାର ସାହୀ, ଉପସଭାପତି ଭାବରେ ନଳିନୀ କୁମାର ରାୟ, ଦିପ୍ତିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା, ସହ ସମ୍ପାଦକ ଗଗନ ପରିଡା, ହୀରାଲାଲ୍ ପଣ୍ଡା, ବଳରାମ ଦାସ, କୋଷାଧ୍ୟକ୍ଷ ଭାବରେ ବିଭୂତିଭୂଷଣ ରାଉତ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି, ଏତଦବ୍ୟତୀତ ୧୩ ଜଣ ସଭ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି। ସଭା ଓ ନିର୍ବାଚନ ଶେଷରେ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

## ବାରବାଟୀ ନୃତ୍ୟ ଉତ୍ସବ ଉଦ୍‌ଯାପିତ | ମନମୋହିଲା ଋତୁଚକ୍ର ଓ ସମ୍ବଲପୁରୀ ନୃତ୍ୟ



କଟକ,୧୨।୧(ସମିସ): ଦୁଇ ଦିନ ଧରି ଶାରଳା ଭବନରେ ଅନୁଷ୍ଠିତ ହେଉଥିବା ବାରବାଟୀ ନୃତ୍ୟ ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନୃତ୍ୟଗୁରୁ ସିକତା ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନ୍ୟତମ ଅତିଥି ଭାବେ ଏନସିସି କମାଣ୍ଡାଣ୍ଟ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ, ନୃତ୍ୟ ଗୁରୁ ମୁକ୍ତିଲତା ପାଲ, ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ, ନୃତ୍ୟ ଶିଳ୍ପୀ ସୁଜ୍ଞାନୀ ମହାପାତ୍ର ଉପସ୍ଥିତ ଥିଲେ। ଶେଷ ସନ୍ଧ୍ୟାରେ ନୃତ୍ୟ ଗୁରୁ ଆଶିଷ କୁମାର ଦାସଙ୍କ ସଂଯୋଜନାରେ ନୃତ୍ୟ ମଣ୍ଡଳର ପ୍ରାୟ ୬୦ଜଣ କଳାକାର ମାହାରୀ ନୃତ୍ୟ, କଥା ଅରସା, ପଲ୍ଲୀବ ଶଙ୍କରା ଭରଣ, ନବ ଦୁର୍ଗା, ନୃତ୍ୟ ମୁର୍ଚ୍ଛନା, ସରସ୍ୱତୀ ବନ୍ଦନା ପରିବେଷଣ କରିଥିଲେ। ଲୋକ ନୃତ୍ୟ କ୍ରମରେ ନୃତ୍ୟାଙ୍ଗନାମାନେ ଋତୁଚକ୍ର ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ନୃତ୍ୟକୁ ଗୁରୁ ସସ୍ମିତା ପଣ୍ଡା ନିର୍ଦ୍ଦେଶନା ଦେଇଥିବା ବେଳେ ବାଦ୍ୟଯନ୍ତ୍ରରେ ସଙ୍ଗୀତ ଗୁରୁ ରବିନାରାୟଣ ଦାସ, ମର୍ଦ୍ଦଳରେ ଗୁରୁ ଗୌରାଙ୍ଗ ଚରଣ ମହଲା, ବେହେଲାରେ ଗୁରୁ ପ୍ରଦୀପ ମହାରଣା ଏବଂ ଗୁରୁ ପ୍ରଦୀପ ମହାପାତ୍ର ବଂଶୀ ବାଦନ କରିଥିଲେ। ପରେ ସୁରଭି ଅନୁଷ୍ଠାନର ଗୁରୁ ପିତାମ୍ବର ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ବୃନ୍ଦ ନୃତ୍ୟ ସୂର୍ଯ୍ୟାଷ୍ଟକ, ଡ. ସୁଶାନ୍ତ କୁମାର ଦାସ ଏକକ ନୃତ୍ୟ, ନୃତ୍ୟ ଶିଳ୍ପୀ ସ୍ୱର୍ଣ୍ଣମୟୀ ବେହେରା ଜୟଦେବଙ୍କ ରଚନାରେ ବିରଚିତ ଚାଟୁ ବଚନମ ଅଭିନୟ କରିଥିଲେ। ଡ. ପ୍ରୋନିମା ବାଗଚି, ଅମୀୟାଂଶୁ ଦାସ, ନୃତ୍ୟଶିଳ୍ପୀ ରୂପା ପାଲ, ସ୍ନେହାଞ୍ଜଳି ମିଶ୍ର, ଏନ କାଜଲ ରାଓ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପ୍ରିୟବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଟୋକୁ ପଛରୁ ପିଟିଲା ବସ୍, ୩ ଆହତ

ତ୍ରିଶୂଳିଆ,୧୨।୧(ସମିସ): ଅଂଶୁପାରୁ ବଣଭୋଜି ସାରି ଭୁବନେଶ୍ୱରକୁ ଫେରୁଥିବା ଏକ ବସ ଅଟୋକୁ ଧକ୍କାଦେବାରୁ ୩ଜଣ ଲୋକ ସାମାନ୍ୟ ଆହତ ହେବା ସହ ଉଭୟଗାଡି ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତକୁ ନିୟନ୍ତ୍ରଣରେ ଆଣିବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି। ପ୍ରକାଶ ଯେ, ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର



କର୍ମଚାରୀମାନେ ଅଂଶୁପାରେ ଭୋଜିସାରି ରବିବାର ରାତିରେ ଓଡି ୦୨ ସିଡବ୍ଲ୍ୟୁ ୧୦୦୯ ନଂ ବସ ଯୋଗେ ବାରଙ୍ଗ ଦେଇ ଫେରୁଥିଲେ। ବସଟି ପାଟପୁର ଗାଁ ଅତିକ୍ରାନ୍ତ କରିବା ବେଳେ ଓଡି ୦୫ ବିଏକ୍ସ ୩୪୦୦ ନଂ ଯାତ୍ରୀବାହୀ ଅଟୋ ୩ଜଣ ଯାତ୍ରୀଙ୍କୁ ନେଇ ତ୍ରିଶୂଳିଆକୁ ଆସୁଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ବସଟି ଅଟୋର ପଛପଟକୁ ଧକ୍କା ଦେଇଥିଲା। ଯାହାଫଳରେ ଅଟୋରେ ବସିଥିବା ସ୍ଥାନୀୟ ଗ୍ରାମର ୩ଜଣ ସାମାନ୍ୟ ଆହତ ହେବା ସହ ଦୁର୍ଘଟଣା ପରେ ଉଭୟଗାଡି ଭାଙ୍ଗିରୁଜି ଯାଇଥିଲା। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେବାରୁ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

## କମିଶନରେଟ୍ ପୁଲିସର 'ରୋଡ୍-ରନ୍' | ଡିସିପି ଦେଲେ ଫିଟ୍-ମନ୍ତ୍ର





ଟାଙ୍ଗୀ,୧୨ ।୧(ସମିସ): କାର୍ଯ୍ୟବ୍ୟସ୍ତତା, ପରବର୍ତ୍ତିତ ଜୀବନଶୈଳୀ ଓ ଆଧୁନିକ ଖାଦ୍ୟପେୟ ଗ୍ରହଣ କରି ମଣିଷ ଅଣନିଶ୍ୱାସୀ ହୋଇପଡୁଛି। ସେ ପୁଲିସ ହେଉ କି ସାଧାରଣ ନାଗରିକ, ସମସ୍ତେ ନିଜ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ଜରୁରୀ। ବ୍ୟାୟମ ସହିତ ପ୍ରତ୍ୟେକ ଦିନ କିଛି ବାଟ ଦୌଡ଼ିବାକୁ ପରାମର୍ଶ ଦେଇଛନ୍ତି କଟକ ଡିସିପି ଜଗମୋହନ ମୀନା। ରବିବାର ବକ୍ସିବଜାର ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ପୁଲିସର 'ରୋଡ୍-ରନ୍'କାର୍ଯ୍ୟକ୍ରମରେ ଡିସିପି ଶ୍ରୀ ମୀନା କହିଲେ ଯେ ଜନସାଧାରଣଙ୍କ ସେବା ଓ ସୁରକ୍ଷା ପୁଲିସର ପ୍ରଧାନ କର୍ତ୍ତବ୍ୟ। କମିଶନରେଟ୍ ପୁଲିସ କେଉଁଭଳି ନିଜକୁ ଫିଟ୍ ରଖି ଜନସାଧାରଣଙ୍କୁ ସୁରକ୍ଷା ଦେବ, ତାହା ଉପରେ ଡିସିପି ଶ୍ରୀ ମୀନା ଆଲୋକପାତ କରିଥିଲେ।

ରୋଡ୍-ରନ୍ ପୁଲିସ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ଇନଡୋର୍ ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋଷ, ସଦର ବିଧାୟକ ପ୍ରକାଶ ସେଠୀ ଏବଂ ମେୟର ସୁବାସ ସିଂହ ଯୋଗଦେଇ ମଣିଷ ଜୀବନରେ ବ୍ୟାୟମର ଆବଶ୍ୟକତା ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଏଥିରେ ଆଇଜି ହେଡ୍‌କ୍ୱାର୍ଟର୍ସ୍ ପ୍ରବୀଣ କୁମାର, ଆଇଜି କମ୍ୟୁନିକେସନ୍ ସତୀଶ ଗଜ୍‌ଭୀଏ, ଡିଆଇଜି ଡି.ଗଙ୍ଗାଧର ଯୋଗ ଦେଇ କମିଶନରେଟ୍ ପୁଲିସର ଲକ୍ଷ୍ୟ, ଆଭିମୁଖ୍ୟ ଓ କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ପୁଲିସ ନିଜକୁ ଫିଟ୍ ରଖିବା ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ଓ ବର୍ଗର ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ।

## ବଢୁଛି ଅମାନିଆଙ୍କ ଉତ୍ପାତ | ସହରସାରା ମଲ୍ଟିହର୍ଣ୍ଣ ଓ ସାଇଲେନ୍ସର୍; ହେଉନି ଯାଞ୍ଚ





କଟକ,୧୨ ।୧(ସମିସ): ସହରରେ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗାଡିଗୁଡ଼ିକରେ ବ୍ୟବହୃତ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସରରୁ ବାହାରୁଥିବା ଶବ୍ଦଗୁଡ଼ିକ ସହରବାସୀଙ୍କୁ ଅତିଷ୍ଠ କରି ପକାଇଲାଣି। ପୁଲିସ କଟକଣା ଅନୁଯାୟୀ, ବାଇକରୁ ଆରମ୍ଭ କରି ବସ, ଟ୍ରକ ଯାଏ, କୌଣସି ଗାଡିରେ ମଲ୍ଟି ହର୍ଣ୍ଣ କିମ୍ବା ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଆଦୌ ଲାଗିପାରିବ ନାହିଁ। ଏହାକୁ ନମାନିଲେ ଜରିମାନା ସହ ଦରକାର ପଡିଲେ ଗାଡି ଅଟକ ରଖାଯିବ। ଏଭଳି କଠୋର ନିୟମ ଥାଇ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏବେ ରାସ୍ତାରେ ମାଳମାଳ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର ଲାଗିଥିବା ଗାଡି ଗଡୁଛି। ଏହିସବୁ ଗାଡିର ପ୍ରଚଣ୍ଡ ଶବ୍ଦରେ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୁଲିସ କିମ୍ବା ପରିବହନ ବିଭାଗ ଏ ଦିଗରେ ତତ୍ପରତା ଦେଖାଉନାହିଁ। ଗତ ବର୍ଷକ ଭିତରେ ମାତ୍ର ଦୁଇ ତିନି ଥର ଧରପଗଡ ପରେ ଯାଞ୍ଚପ୍ରକ୍ରିୟା ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ପୁଣି ଥରେ ଚେକିଂ କଡାକଡି କରାଯିବ। ଏ ବାବଦରେ ଟ୍ରାଫିକ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଏସିପି ଶ୍ରୀ ସିଂ କହିଛନ୍ତି।

**ପୁଲିସ ଓ ପରିବହନ ବିଭାଗ ନିରବ; ବଢୁଛି ଶବ୍ଦ ପ୍ରଦୂଷଣ**

ଏମ୍‌ଭିଆଇ ଆକ୍ଟ ଅନୁଯାୟୀ ନିର୍ମାତା କମ୍ପାନୀ ଦ୍ୱାରା ଗାଡିରେ ଲାଗିଥିବା ଉପକରଣ ଗୁଡିକକୁ ଗ୍ରାହକ ତଥା ମାଲିକ ଅଦଳବଦଳ କରିପାରିବେ ନାହିଁ। ମୁଖ୍ୟତଃ ଗାଡିର ହର୍ଣ୍ଣ, ଲାଇଟ୍, ସାଇଲେନ୍ସର, ମିରର ଓ ନମ୍ବର ପ୍ଲେଟ ଅଦଳବଦଳ କରିବା ଦଣ୍ଡନୀୟ ଅପରାଧ। ଯଦି କୌଣସି କ୍ଷେତ୍ରରେ କେବଳ ହର୍ଣ୍ଣ ଓ ଲାଇଟ୍ ବଦଳାଯାଏ ତେବେ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଅନୁମତି ନେବାକୁ ପଡିବ। କେବଳ ଆଖି ସମସ୍ୟା ଥିବା ଚାଳକଙ୍କ କ୍ଷେତ୍ରରେ ଗାଡିର ଲାଇଟ୍ ଅଦଳବଦଳ କରିବାକୁ ଅନୁମତି ମିଳିଥାଏ; କିନ୍ତୁ ଅଧିକାଂଶ ଗାଡି ମାଲିକ ଓ ଚାଳକ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି। ବିଶେଷକରି ଯୁବପିଢି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଗାଡିର ମୂଳ ସାଇଲେନ୍ସର, ହର୍ଣ୍ଣ ଓ ହେଡଲାଇଟ କାଢିଦେଇ ଉଚ୍ଚ ଶବ୍ଦଯୁକ୍ତ ଉପକରଣ ଲଗାଉଛନ୍ତି। ଅଧିକାଂଶ ବୁଲେଟ ପରେ ପଲସର୍ ଭଳି ପିକଅପ ବାଇକଗୁଡିକୁ ସ୍ପୋର୍ଟ୍ସ ମଡେଲ ପାଇଁ ଏଭଳି କାରସାଦି କରାଯାଉଛି। ଏହିଭଳି କାର, ଟ୍ରାଭେଲ୍ସ ଗାଡି ସମେତ ବସ, ଟ୍ରାକ୍ଟର ଓ ଟ୍ରକରେ ବି କରାଯାଉଛି। ଉଚ୍ଚଶବ୍ଦ ବୟସ୍କ ଏବଂ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ନକରାତ୍ମକ ପ୍ରଭାବ ପଡୁଛି। ଏମିତିକି ରାସ୍ତାରେ ଯାଉଥିବା ହୃଦରୋଗୀଙ୍କ ପାଇଁ ଏହା ବଡ ବିପଦ ସୃଷ୍ଟି କରୁଛି। ସେହିପରି ରାତି ସମୟରେ ବଡ ଗାଡିର ଅତ୍ୟାଧୁନିକ ଲାଇଟ ରାସ୍ତାର ବିପରୀତରେ ଆସୁଥିବା ଚାଳକଙ୍କୁ କ୍ଷତି ପହଞ୍ଚାଇଥାଏ। ବିଗତ ଦିନରେ ଏହାକୁ ରୋକିବା ପାଇଁ ଆରଟିଓ ଓ ଟ୍ରାଫିକ ପୁଲିସ ପକ୍ଷରୁ ଜୋରଦାର ଧରପଗଡ ହୋଇଥିଲା। ଯାଞ୍ଚ ସମୟରେ ଗାଡିରୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର, ହର୍ଣ୍ଣ ଓ ଲାଇଟ ଆଦି କାଢି ନିଆଯାଉଥିଲା। ଏହା ସହ ଅମାନିଆଙ୍କଠାରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେଉଥିଲା।

ପ୍ରକାଶ ଥାଉ କି, ଗତ ୩ ବର୍ଷ ହେବ ବନ୍ଦ ଥିବା ଧରପଗଡ ଗତ ବର୍ଷ ଫେବ୍ରୁଆରୀରୁ ପୁଣି ଚାଲୁ ହୋଇଥିଲା। ପ୍ରଥମେ ୨୪ଟି ବାଇକରୁ ସାଇଲେନ୍ସର, ୫୦ଟି ବସ/ଟ୍ରକରୁ ମଲ୍ଟି ହର୍ଣ୍ଣ ଓ ଲାଇଟ କଢା ଯାଇଥିଲା। ଏହିଭଳି ଭାବେ ଜୁନ ମାସ ଯାଏ ଦୁଇ ତିନି ଥର ଧରପଗଡ ପରେ ଯାଞ୍ଚ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହି ସୁଯୋଗରେ ଅମାନିଆମାନେ ପୁଣି ନିଜ ଗାଡିକୁ ରି-ମଡେଲିଂ କରିଛନ୍ତି। ତେଣୁ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ହରିଅନ୍ତା ଧାନମଣ୍ଡି ଉଦ୍‌ଘାଟିତ



ଟାଙ୍ଗୀ,୧୨।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସମିତି ସଭାପତି ରମେଶ ଚନ୍ଦ୍ର ମୁଦୁଲିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ ମୁଖ୍ୟଅତିଥି, ହରିଅନ୍ତା ପଞ୍ଚାୟତ ଭାରପ୍ରାପ୍ତ ସରପଞ୍ଚ ସୋଫିଆ ବିବି, ସମିତିସଭ୍ୟ ଶ୍ରୀମନ୍ତ ଜେନା, ନପଙ୍ଗ ସରପଞ୍ଚ ମମତା ମଲ୍ଲିକ, ସମିତିସଭ୍ୟ ଗୋପାଳ ମଲ୍ଲିକ ଓ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱାଧୀନ କିଶୋର ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମିତି ସମ୍ପାଦକ ବ୍ରଜବନ୍ଧୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନୋଡ଼ାଲଅଧିକାରିଣୀ ଐଶ୍ୱର୍ଯ୍ୟାମହାନ୍ତି, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମନୋରଞ୍ଜନ ଦଳାଇ ସହାୟତା କରିଥିଲେ। ସେହିପରି ଧାନକ୍ରୟ କମିଟି ପକ୍ଷରୁ ଗିରିଜାଶଙ୍କର ପ୍ରତାପ, ପ୍ରଶାନ୍ତ କୁମାର ରାଉତ ତ୍ରିଲୋଚନ ବେହେରା, ରଞ୍ଜନ କୁମାର ବିଶ୍ୱାଳ, ଚାଷୀ ଭାଗ୍ୟଧର ବିଶ୍ୱାଳ, ଲକ୍ଷ୍ମୀଧର ବେହେରା, ପ୍ରଦୀପ ରାଉତରାୟ ଓ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ସମିତି ଅନ୍ତର୍ଗତ ହରିଅନ୍ତା ଓ ନପଙ୍ଗ ପଞ୍ଚାୟତର ମୋଟ ୫୮୫ ଚାଷୀ ନାମ ପଞ୍ଜିକୃତ କରିଥିବା ସୂଚନା ପ୍ରଦାନ କରାଯାଇଥିଲା।

## କାନପୁର ଆଥଲେଟିକ ସଭାପତିଙ୍କ ଇସ୍ତଫା



ନରସିଂହପୁର,୧୨।୧(ସମିସ): ନରସିଂହପୁର ବ୍ଲକ ଅଧୀନ କାନପୁର ଆଞ୍ଚଳିକ ଆଥଲେଟିକ ଆସୋସିଏସନର କାର୍ଯ୍ୟରତ ସଭାପତି ପଦରୁ ସମାଜସେବୀ ସଞ୍ଜୟ କୁମାର ପଣ୍ଡା ଇସ୍ତଫା ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣରୁ ସମୟ ଅଭାବ ଦର୍ଶାଇ ଶ୍ରୀ ପଣ୍ଡା ନିଜ ଦାୟିତ୍ୱରୁ ଓହରି ଯାଇଥିବାର କାରଣ ଦର୍ଶାଇ ଶ୍ରୀ ପଣ୍ଡା ସଭାପତି ପଦରୁ ଗତ ଡିସେମ୍ବର ୨୯ ତାରିଖରୁ ଇସ୍ତଫା ଦେଇଥିବାର ସୂଚନା ହସ୍ତଗତ ହୋଇଛି। ଶ୍ରୀ ପଣ୍ଡା କାନପୁର ଠାରେ ବହୁବର୍ଷ ଧରି ଆୟୋଜିତ ହେଉଥିବା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦାୟିତ୍ୱ ନେଇ ସେ ସଫଳତାର ସହିତ ଖେଳ ପରିଚାଳନା କରିଆସୁଥିବା ସହ କାନପୁର ଫୁଟବଲ ଟିମର ଉନ୍ନତିଦିଗରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ସଫଳତା ହାସଲ କରିଥିଲେ। କାନପୁର ଫୁଟବଲ ଟିମ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଠାରୁ ଆରମ୍ଭ କରି କାନପୁର ଅଞ୍ଚଳର ବିକାଶ ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ସେ ସମସ୍ତଙ୍କୁ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି।

## ଗୋପୀନାଥପୁର ଧାନମଣ୍ଡି ଉଦ୍‌ଘାଟିତ



ବଡମ୍ବା,୧୨।୧(ସମିସ): ତୃତୀୟ ପର୍ଯ୍ୟାୟରେ ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର କୃଷି ପ୍ରାଥମିକ ସମବାୟ ସମିତି ଧାନମଣ୍ଡି ରବିବାର ଉଦ୍‌ଘାଟିତ ହୋଇଯାଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଏଥିନେଇ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ସମିତି ସଭାପତି ସୁବାଷ ଚନ୍ଦ୍ର ପାଢୀ, ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଆମ୍ବା ଅଧ୍ୟକ୍ଷ ମହେନ୍ଦ୍ର ପଡିହାରୀ, ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ନାୟକ, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ବଡମ୍ବା ଶାଖା ପରିଚାଳକ ସୂର୍ଯ୍ୟମଣୀ ମଲ୍ଲିକ, ପରିଚାଳନା କମିଟି ସଭାପତି ଲକ୍ଷ୍ମୀ ଦେଇ, ସମାଜସେବୀ ଗୋବିନ୍ଦ ସାହୁଙ୍କ ସମେତ ଅଞ୍ଚଳର ଶହ ଶହ ଚାଷୀ ଯୋଗଦେଇଥିଲେ। ସମବାୟ ସମିତି ସମ୍ପାଦକ ଦେବବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମବାୟ ନୋଡାଲ ଅଧିକାରୀ ଶାଶ୍ୱତ ସିଠ, ବିରଞ୍ଚି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ଆଜି ଅନୁଷ୍ଠିତ ମଣ୍ଡିରୁ ସମିତି ଅଧୀନ ୩୦ ଜଣ ଚାଷୀଙ୍କ ଠାରୁ ୮ ଶହ କ୍ୱିଣ୍ଟାଲ ଧାନ ସଂଗୃହିତ ହୋଇଛି।

## ଡାକିଲେ ଶୁଣନ୍ତି ମା' | ବିଶ୍ୱାସ ଓ ଭରସାର ଅନ୍ୟ ନାମ ମା' ଡମଡ଼ମଣି

- **ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ପୀଠ**
- **ରାଜ୍ୟର କୋଣ ଅନୁକୋଣରୁ ଧାଇଁ ଆସନ୍ତି ଶ୍ରଦ୍ଧାଳୁ**

ଚୌଦ୍ୱାର,୧୨।୧(ସମିସ): ଘଞ୍ଚ ଜଙ୍ଗଲ ଆଉ ପାହାଡ଼ ଘେରା ପ୍ରକୃତିର ସୁନ୍ଦର ପରିବେଶ ମଧ୍ୟରେ ଖିଲିଖିଲି ହସୁଛି ଡମଣୀ ଜଙ୍ଗଲ। ବିଭିନ୍ନ ବନ୍ୟ ପକ୍ଷୀଙ୍କ କଳରବରେ ଝଙ୍କୃରିତ ହୋଇ ଉଠୁଛି ଏହି ସ୍ଥାନଟି। ଏହି ସ୍ଥାନକୁ ଯିଏ ଥରେ ଯାଇଛି ସେଠାରୁ ଫେରିବାକୁ ସହଜରେ ଇଚ୍ଛା ହୁଏ ନାହିଁ। କଟକ ଜିଲ୍ଲାର ଚୌଦ୍ୱାର ଡମଣୀ ଜଙ୍ଗଲ ସତେ ଯେମିତି ନୈସର୍ଗିକ ଶୋଭାର ଏକ ସମ୍ଭାର। ଆଉ ଏଠାରେ ପୂଜା ପାଉଛନ୍ତି ବନଦେବୀ ମା' ଡମଡମଣୀ। ଆଉ ମା'ଙ୍କ ପୀଠରେ ବିଶେଷ ଭାବେ ମକରମେଳା ଆଉ ଏକ ସଂଯୋଗ। ଏହି ତିଥିରେ କେବଳ ଟାଙ୍ଗୀ-ଚୌଦ୍ୱାର ବା କଟକ ଜିଲ୍ଲାରୁ କାହିଁକି ରାଜ୍ୟର କୋଣ ଅନୁକୋଣରୁ ଧାଇଁ ଆସନ୍ତି ହଜାର ହଜାର ଶ୍ରଦ୍ଧାଳୁ। ମକରମେଳା ଦିନ ଏହି ଅଞ୍ଚଳ ପାଲଟିଯାଏ ଜନସମୁଦ୍ର। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଆଦିବାସୀମାନଙ୍କ ସ୍ୱତନ୍ତ୍ର ପର୍ବରେ ଉଚ୍ଛୁଳି ପଡ଼େ ଏହି ଅଞ୍ଚଳ। ଗୋଟିଏ ପଟେ ପବିତ୍ର ମକର ସଂକ୍ରାନ୍ତି ଦିନ ସବୁ ଶକ୍ତି ପୀଠରେ ମା'ଙ୍କ ସ୍ୱତନ୍ତ୍ର ପୂଜା ଚାଲିଥିବାବେଳେ ଏଠାରେ ମା'ଙ୍କ ପୂଜା ସାଙ୍ଗକୁ ଭୋଜିଭାତର ଆସର ଜମିଯାଏ। ମକରମେଳା ପରିଚାଳନା କରୁଥିବା ଅନୁଷ୍ଠାନ ପକ୍ଷରୁ ପ୍ରାୟ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସାତ୍ତ୍ୱିକ ଭୋଜନ ବ୍ୟବସ୍ଥା ମଧ୍ୟ ହୋଇଥାଏ।

କଟକ ଜିଲ୍ଲାର ବିଭିନ୍ନ ଶକ୍ତିପୀଠଙ୍କ ମଧ୍ୟରେ ମା' ଡମଡମଣୀ ଅନ୍ୟତମ। ଏଠାରେ ମା' ଡମଡମଣୀଙ୍କୁ ବନଦେବୀ ଭାବେ ପୂଜା କରାଯାଏ। ତେବେ ଏହି ଶକ୍ତିପୀଠରେ ମା'ଙ୍କ ଏଭଳି ମହିମା ରହିଛି ଯେ, ଯେତେ କହିଲେ ମଧ୍ୟ ଶେଷ ହେବ ନାହିଁ। ଦେହୁରୀ ପୂଜକଙ୍କ ଦ୍ୱାରା ମା'ଙ୍କୁ ପୂଜା କରାଯାଏ। ମା'ଙ୍କ ନିକଟରେ ଯିଏ ମନସ୍କାମନା କରିଛି ଖାଲି ହାତରେ ଫେରି ନାହିଁ। ତେବେ ଯିଏ ଯେକୌଣସି ସମୟରେ ମା'ଙ୍କୁ ଡାକିଛି ମା' ତା'ର ଡାକ ଶୁଣିବା ସହିତ ସମସ୍ୟାର ତ୍ୱରିତ ସମାଧାନ ମଧ୍ୟ କରିଦେଇଛନ୍ତି। ତେଣୁ ବିଶ୍ୱାସରେ ଏଠାକୁ ବହୁ ଶ୍ରଦ୍ଧାଳୁ ଆସି ମା'ଙ୍କ ପୂଜାର୍ଚ୍ଚନା କରି ମନସ୍କାମନା ପୂରଣ କରିଥାନ୍ତି। ଏହି ପୀଠଟି ଅଗନାଅଗନି ବନସ୍ତ ଭିତରେ ରହିଥିବାବେଳେ ଏହାର ପ୍ରାକୃତିକ ଶୋଭା ମଧ୍ୟ ବେଶ ମନୋରମ। ତେବେ ପରବର୍ତ୍ତୀ ସମୟରେ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିଲେ ମଧ୍ୟ ଏହାର ଉପଯୁକ୍ତ ବିକାଶ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ଏହି ପୀଠଟି କଟକ ଜିଲ୍ଲା ଅନ୍ତର୍ଗତ ଚୌଦ୍ୱାରଠାରୁ ମାତ୍ର ୧୫ କିମି ଦୂରରେ ଅବସ୍ଥିତ; ଡାଳିଯୋଡ଼ା ଫରେଷ୍ଟ ରେଞ୍ଜ ଅଧୀନସ୍ଥ ମଙ୍ଗରାଜପୁର ଗ୍ରାମପଞ୍ଚାୟତଠାରୁ ମାତ୍ର କିଛି ମାଇଲ ଅତିକ୍ରମ ପରେ ଡାଳିଯୋଡ଼ା ଜଙ୍ଗଲ ମଧ୍ୟରେ ପଡ଼େ ବନବାସିନୀ ମା' ଡମଡମଣିଙ୍କ ପୀଠ। ମା'ଙ୍କ ପୀଠକୁ ଘେରି ରହିଛି ସୁନାମୁହିଁ, ଦହିଖିଆ, ହାତୀମଣ୍ଡା, କାଳିଆଖୋଲ ଆଦି ସୁଉଚ୍ଚ ପାହାଡ଼। ଅପରପାର୍ଶ୍ୱରେ ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଅବସ୍ଥିତ।



୧୯୮୬ ମସିହାର ପବିତ୍ର ମକର ସଂକ୍ରାନ୍ତି ଅବସରରେ କିଛି ସ୍ଥାନୀୟ ଯୁବକ ସେଠାରେ ଅଷ୍ଟପ୍ରହରୀ ନାମଯଜ୍ଞ କରିଥିଲେ। ପୂଜକର ବାରଣ ସତ୍ତ୍ୱେ ସେଠାରେ ତୁଳସୀ ସ୍ଥାପନ କରିଥିଲେ। ଶାସ୍ତ୍ର ଅନୁଯାୟୀ ଦେବୀ ଚଣ୍ଡିକା, ତୁଳସୀର ଗନ୍ଧ ପାଇଲେ କ୍ରୋଧାନ୍ୱିତ ହୋଇଥାନ୍ତି। ତେଣୁ ଯୁବକମାନଙ୍କ ଜବରଦସ୍ତ ତୁଳସୀ ସ୍ଥାପନା ହେତୁ ଦେବୀଙ୍କ ମୁଖ ମଣ୍ଡଳ ରାଗରେ ଆପଣାଛାଏ ପୁଷ୍ପଦ୍ୱାରା ଘୋଡେଇ ହୋଇ ଲୁଚିଗଲା, ଚକ୍ଷୁଦ୍ୱୟ ରକ୍ତବର୍ଣ୍ଣ ଧାରଣ କଲା। ଏକଥା ଦେଖି ଅଷ୍ଟପ୍ରହରୀ କରାଉଥିବା ଲୋକେ ଭୟରେ ମା'ଙ୍କୁ କ୍ଷମା ମାଗି ଶରଣ ପଶିବା ପରେ ଦେବୀଙ୍କ ପୂର୍ବରୂପ ଫେରି ଆସିଥିଲା। ତେବେ ଆଜି ପର୍ଯ୍ୟନ୍ତ ପ୍ରତି ମକର ସଂକ୍ରାନ୍ତିରେ ସେଠାରେ ମା'ଙ୍କ ସ୍ୱତନ୍ତ୍ର ପୂଜା ସହ ମକର ମେଳା, ବିଶ୍ୱଶାନ୍ତି ମହାଯଜ୍ଞ ଆଦି ହୋଇ ଆସୁଛି। ସେଠାରେ ବହୁ ଶିଶୁ ମୁଣ୍ଡନ ହେବାର ମଧ୍ୟ ଦେଖିବାକୁ ମିଳିଥାଏ। ସେହିଭଳି ଜଙ୍ଗଲ ଭିତରେ ଯଦି କେହି ବନ୍ୟଜନ୍ତୁଙ୍କ ହାବୁଡ଼ରେ ପଡ଼ି ମା'ଙ୍କୁ ସ୍ମରଣ କରିବା ମାତ୍ରେ ବନ୍ୟଜନ୍ତୁ ଆଡ ହୋଇ ଯାଆନ୍ତି। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଦଣ୍ଡକାରଣ୍ୟରେ ଅବସ୍ଥାନ କରୁଥିବା ସମୟରେ ରାବଣ ସୀତାଙ୍କୁ ଅପହରଣ କରିଥିଲେ। ପ୍ରାଣପ୍ରିୟା ପତ୍ନୀଙ୍କ ବିରହରେ ରାମଚନ୍ଦ୍ର ବିଷମ ବଦନରେ ଦଣ୍ଡକାରଣ୍ୟରେ କାଳାତିପାତ କରୁଥିଲେ। ଭଗବାନଙ୍କ ଦୁଃଖ ମହାଦେବ ଦେଖିପାରିଲେ ନାହିଁ। ସେ ପତ୍ନୀ ପାର୍ବତୀଙ୍କୁ କହିଲେ, ପ୍ରଭୁ ଶ୍ରୀରାମ ମୋର ଗୁରୁ। ପାର୍ବତୀ ଭାବିଲେ ମହାଦେବ ସକଳ ବ୍ରହ୍ମାଣ୍ଡର ଗୁରୁ। ଜଣେ ଛାର ମାନବ କିପରି ତାଙ୍କର ଗୁରୁ ହୋଇପାରିଲା? ମହାଦେବ ଓ ପାର୍ବତୀ ଏକସଙ୍ଗେ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରା କଲେ। ସେତେବେଳେ ରାମଚନ୍ଦ୍ର ସାଧାରଣ ମଣିଷ ପରି ସ୍ତ୍ରୀକୁ ହରାଇ ପାଗଳପ୍ରାୟ କ୍ରନ୍ଦନ କରୁଥିଲେ। ରାମଚନ୍ଦ୍ରଙ୍କୁ ପରୀକ୍ଷା କରିବା ପାଇଁ ପାର୍ବତୀ ଇଚ୍ଛାପ୍ରକାଶ କଲେ। ମହାଦେବ ସମ୍ମତି ଦେବାରୁ ପାର୍ବତୀ ସୀତାଙ୍କ ରୂପ ଧାରଣ କରି ରାମଚନ୍ଦ୍ରଙ୍କ ସମ୍ମୁଖରେ ପ୍ରକଟ ହେଲେ। ଶ୍ରୀରାମ କିନ୍ତୁ ମା' ପାର୍ବତୀଙ୍କୁ ଚିହ୍ନିପାରି ପ୍ରଣାମପୂର୍ବକ ବିଶ୍ୱପିତା ମହାଦେବ ଆସିନାହାନ୍ତି କି ବୋଲି ପ୍ରଶ୍ନ କରିଥିଲେ? ପାର୍ବତୀ ନିଜର ଭୁଲ ବୁଝିପାରିବା ସହ ଲଜ୍ଜିତ ହୋଇ ମହାଦେବଙ୍କ ନିକଟକୁ ଫେରିଗଲେ। ମାତ୍ର ସେ ପାର୍ବତୀଙ୍କୁ ଗୁରୁପତ୍ନୀ ସୀତାଙ୍କ ରୂପରେ ଦେଖି ଗ୍ରହଣ ନ କରି କୈଳାସ ଯାତ୍ରା କରିଥିଲେ। ପାର୍ବତୀ ପତିଙ୍କ ନିର୍ଦ୍ଦେଶ ମାନି ଏଣେତେଣେ ବୁଲିବାକୁ ଲାଗିଲେ। ପରିଶେଷରେ ଏଠାକାର ସବୁଜ ବନାନୀ ଶାନ୍ତ ପରିବେଶରେ ବିମୋହିତ ହୋଇ ମା' 'ଡମଡମଣି' ଠାକୁରାଣୀ ନାମରେ ଏଠାରେ ଅବସ୍ଥାନ କଲେ। ମା'ଙ୍କର ମୁଖ୍ୟପର୍ବ ହେଉଛି ମକରମେଳା ଏବଂ ଶାରଦୀୟ ଦୁର୍ଗାପୂଜା। ଡାଳିଯୋଡ଼ା ରାଜାଙ୍କ ଗଡ଼ଖାଇ ପାର୍ଶ୍ୱରେ ରାଜାଙ୍କ ରକ୍ଷାକବଚ ଭାବେ ମା' ବିଦ୍ୟମାନ। ଏବେ ମଧ୍ୟ ଅଦୂରରେ ପଥରିକଟା ଗଡ଼, ଭାଇବୋହୂ ଦେଢ଼ଶୁର କୂଅ, ରାଜବାଟୀର ଭଗ୍ନାବଶେଷ ଇଟା ଓ ଜଙ୍ଗଲର ବିଭିନ୍ନ ସ୍ଥାନରେ ଶିବ ଓ ଦୁର୍ଗାଙ୍କ ମୂର୍ତ୍ତିର ଭଗ୍ନାବଶେଷ ଦେଖିବାକୁ ମିଳେ। ମନ୍ଦିରର ବାର୍ଷିକ ମେଳା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ମା' ବନଦୁର୍ଗା ପୂଜା କମିଟି ସୂଚାରୁ ରୂପେ ସମ୍ପାଦନ କରିଆସୁଛି। ତେବେ ଏହି ସ୍ଥାନକୁ ସରକାର ପର୍ଯ୍ୟଟନସ୍ଥଳିର ମାନ୍ୟତା ଦେଇଥିଲେ ମଧ୍ୟ ଶୀତଋତୁରେ ପର୍ଯ୍ୟଟକମାନେ ଆସିଲେ ଏଠାରେ ରହିବା ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। ପାନୀୟଜଳ, ବିଦ୍ୟୁତ ଏବଂ ସ୍ଥାୟୀ ରାସ୍ତାଟିଏ ମଧ୍ୟ ଏ ପର୍ଯ୍ୟନ୍ତ ନିର୍ମାଣ କରାଯାଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।






## ପ୍ରଶାନ୍ତ କାନୁନଗୋଙ୍କ ଜୟନ୍ତୀ ସମାରୋହ ଓ ଶିଶୁ ମେଳା



ମାହାଙ୍ଗା,୧୨।୧(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓସଙ୍ଗ ପଞ୍ଚାୟତର ଓଷଙ୍ଗ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଶାନ୍ତ କୁମାର କାନୁନଗୋ ସ୍ମୃତି ସଂସଦ ଆନୁକୂଲ୍ୟରେ ଆଧୁନିକ ସାଂସ୍କୃତିକ ଚେତନାର ବାର୍ତ୍ତାବହ, ସଂସ୍କୃତି ପୁରୁଷ ପ୍ରଶାନ୍ତ କୁମାର କାନୁନଗୋଙ୍କ ୮୪ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ ଡ.ଜନାର୍ଦ୍ଦନ ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଶାନ୍ତ କୁମାର କାନୁନଗୋଙ୍କ ସ୍ମୃତି ସାଂସଦର ସଭାପତି ଆଇନଜୀବୀ ସୁଭେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଶଙ୍ଗ ପଞ୍ଚାୟତ ସରପଞ୍ଚ ନିହାରିକା ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନିହାର ରଞ୍ଜନ ସାମଲ, ସମିତିସଭ୍ୟା କାନନବାଳା ମହାନ୍ତି, ରସରାଜ ବ୍ୟଙ୍ଗ କବି ରସରାଜ ବୀର କିଶୋର ସ୍ୱାଇଁ, ନାଏବ ସରପଞ୍ଚ ମଥୁରାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ପ୍ରଶାନ୍ତ କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ। ଆୟୋଜିତ ଶିଶୁ ମେଳାର ଉଦଯାପନୀ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଡ. ଏକାଦଶୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକ, ବରେଣ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଇଞ୍ଜିନିୟର ସହଦେବ ଖଟୁଆ, ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ବିଭୂତି ଭୂଷଣ ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରା, ଅତିଥି ପରିଚୟ ଗୀତିକାର ବିଶ୍ୱେଶ୍ୱର୍ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ରାଜକିଶୋର ଜେନା, ବିକାଶ ରଞ୍ଜନ ପଟ୍ଟନାୟକ ମାନପତ୍ର ପାଠ, ଅଧ୍ୟାପକ ପିତାମ୍ବର ସ୍ୱାଇଁ, ସରୋଜକାନ୍ତ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଆଇନଜୀବୀ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଲାଲବାହାଦୁର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି,୧୨।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସାନ୍ତପୁର ପଞ୍ଚାୟତ ଓରିକଣା ଠାରେ ଥିବା ଲାଲବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ୫୯ତମ ସ୍ମୃତିଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ଶିକ୍ଷକ ସମାଜର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ, ସମ୍ମାନୀତ ଅତିଥିଭାବେ ସରପଞ୍ଚ ରମାକାନ୍ତ ନାୟକ, ସମାଜସେବୀ ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭୈରବଚନ୍ଦ୍ର ଜେନା, ଶିକ୍ଷକ ଧରଣୀଧର ସେଠୀ, ବ୍ଲକ ଓଷ୍କାର ଉପସଭାପତି ଲକ୍ଷ୍ମୀନାରାୟଣ ବରାଳ, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ଦାସ, ବିରଜାପ୍ରସାଦ ମହାପାତ୍ର, ମନୋରଞ୍ଜନ ବରାଳ, ସନ୍ତୋଷ ଶତପଥୀ, ପରେଶ ସାହୁ, ବିପ୍ଳବ ସରକାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସନାତନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ବୈଜୟନ୍ତୀବାଳା ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି,୧୨।୧(ସମିସ): ନରେନ୍ଦ୍ରପୁର ପଞ୍ଚାୟତସ୍ଥିତ ବେଣୀରାମପୁରଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ମୁରଲୀଧର ପାତ୍ରଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମାତୃସାଧକ କୁଳମଣୀ ଦାସ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ନମିତା ରାୟ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାକେନ୍ଦ୍ରର ସଂପାଦକ ଇଂ. ଉତ୍ତମ ଚରଣ ସାହୁ, ଯୁବନେତା ଦେବଦତ୍ତ କର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ ଅକ୍ଷୟ କୁମାର ନନ୍ଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସୁଧାକର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ଶାରିରୀକ କ୍ରୀଡା ପ୍ରଦର୍ଶନ ,ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅନୁଷ୍ଠାନଟି ବହୁ ଅବହେଳିତ ଅବସ୍ଥାରେ ଥିବାରୁ ଆଗାମୀ ଦିନରେ ଏହାର ଉନ୍ନତିକରଣ ପାଇଁ ଅନୁଦାନ ଯୋଗାଇଦେବାକୁ ବିଧାୟକ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

## ମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ କର୍ମୀ ଅଟକ



ଟାଙ୍ଗୀ,୧୨।୧(ସମିସ): ଟାଙ୍ଗୀ ଅଞ୍ଚଳକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ସମୟରେ କଂଗେସ କର୍ମୀଙ୍କୁ ଟାଙ୍ଗୀ ଥାନାରେ ଅଟକ ରଖିବା ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି। ସୂଚନାଯୋଗ୍ୟ ଟାଙ୍ଗୀରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ପ୍ରଥମ ସମାବର୍ତ୍ତନ ଉତ୍ସବକୁ ଶିକ୍ଷା ମନ୍ତ୍ରୀ ଆସିଥିବା ଜାଣି କଂଗ୍ରେସ କର୍ମୀ ବିଭିନ୍ନ ଖାଦ୍ୟସାମଗ୍ରୀ ଦରଦାମ ବୃଦ୍ଧି, ମଣ୍ଡିରୁ ଧାନ ନ ଉଠିବା, ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କୁ ବିରୋଧ ଇତ୍ୟାଦି ବିଷୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିରୋଧ କରାଯିବା ଟାଙ୍ଗୀ ଥାନା ଆଗୁଆ ଜାଣି ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ସମେତ କଂଗ୍ରେସ କର୍ମୀଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ମନ୍ତ୍ରୀ ଯିବା ପରେ ସମସ୍ତଙ୍କୁ ଘରକୁ ଯିବାକୁ ଦିଆଯାଇଥିବା ଜଣାପଡିଛି।

## ଜାଡ଼ରେ ଥରୁଛି ଆଠଗଡ଼ ଉପଖଣ୍ଡ

**ସକାଳ ୧୦ ପୂର୍ବରୁ ହଟୁନି କୁହୁଡ଼ି, ଜନଜୀବନ ଅସ୍ତବ୍ୟସ୍ତ**

ତିଗିରିଆ,୧୨।୧(ସମିସ): ପ୍ରଚଣ୍ଡ ଜାଡ଼ରେ ଥରୁଛି ଓଡ଼ିଶା। କଟକ ଜିଲ୍ଲାର ମହାନଦୀ କୂଳବର୍ତ୍ତୀ ଅଞ୍ଚଳରେ ଥିବା ସମଗ୍ର ଆଠଗଡ ଉପଖଣ୍ଡ ଏଥିରୁ ବାଦ ପଡିନାହି। ଅପରାହ୍ନ ୫ଟା ଠାରୁ ଅନୁଭୂତ ହେଉଛି ଭୟଙ୍କର ଶୀତ। ମଝିରେ ମଝିରେ କୋହଲା ପବନ ବହିବା କାରଣରୁ ଶୀତ ବହୁଗୁଣିତ ହେଉଛି। ସଂଧ୍ୟା ୬ରୁ ସକାଳ ୧୦ ପର୍ଯ୍ୟନ୍ତ ଖୁଣ୍ଟୁଣୀ ଠାରୁ କମଳାଡିହ ପର୍ଯ୍ୟନ୍ତ ଦୀର୍ଘ ୯୦କିମି ରାସ୍ତାରେ ଗାଡିମୋଟର ଚଳାଚଳ ଅସମ୍ଭବ ହୋଇପଡୁଛି। ଆଠଗଡ ଉପଖଣ୍ଡ ଅଧୀନ ଆଠଗଡ, ତିଗିରିଆ, ବଡମ୍ବା ଓ ନରସିଂହପୁର ବ୍ଲକର ସମସ୍ତ ସ୍ଥାନରେ ଏକା ଅବସ୍ଥା। ଅସମ୍ଭାଳ ଶିତକୁ ନେଇ ସଂପ୍ରତି ସଂପୂର୍ଣ୍ଣ ଆଠଗଡ ଉପଖଣ୍ଡରେ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡିଛି। ସୂଚନା ମୁତାବକ ଚଳିତ ବର୍ଷ ବିଗତ ବର୍ଷ ଠାରୁ ଆଠଗଡ ଉପଖଣ୍ଡ ଅଧୀନ ଆଠଗଡ, ତିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ତାପମାତ୍ରା କମ ରହିଛି। ସଂଧ୍ୟା ପରଠାରୁ ବିଭିନ୍ନ ଅଞ୍ଚଳର ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ରାତି ୯ଟା ପରେ ଏହି ତାପମାନ ହ୍ରାସ ହୋଇ ୧୪ରେ ପହଞ୍ଚୁଛି। ଫଳରେ ଗାଁ ଗଣ୍ଡା ଠାରୁ ଆରମ୍ଭ କରି ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥ ଘନ କୁହୁଡିର ଆସ୍ତରଣ ତଳେ ଘୋଡାଇ ହୋଇଯାଇଛି। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଗାଡିମୋଟର ସହ ଭାରୀ ଯାନବାହନ ଗୁଡିକ ରାସ୍ତାରେ ଅତି ମନ୍ଥର ଗତିରେ ଯାତାୟତ କରୁଛି। ଖୁଣ୍ଟୁଣୀ ଠାରୁ କମଳାଡିହ ଦୀର୍ଘ ୯୦ କିମି ରାସ୍ତାର ଉଭୟ ପାଶ୍ୱର୍ରେ ଗାଡିମୋଟର ଚାଳକମାନେ ଗାଡିକୁ ଥୋଇ ଦେଇ କୁହୁଡି ହଟିବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିବାରୁ ବହୁ ସମୟରେ ରାସ୍ତା ଜାମ ରହୁଛି। ସେହିପରି ସକାଳର ଘନ କୁହୁଡି ପାଇଁ ରାସ୍ତା ଆଦୌ ଦୃଶ୍ୟମାନ ହେଉ ନ ଥିବା ବେଳେ ୨୦ ମିଟର ଦୂରରୁ ସମ୍ମୁଖରୁ ଆସୁଥିବା ଗାଡିମୋଟର ଦେଖାଯାଉନାହିଁ। ଆଠଗଡ ବ୍ଲକର ମହାନଦୀ କୂଳ ଅଞ୍ଚଳ ସହ ତିଗିରିଆର ଉତ୍ତର କୁଲାଟ, ବଡମ୍ବା ମହାନଦୀ କୁଳବର୍ତ୍ତୀ ପଞ୍ଚାୟତ ସହିତ ସଂପୁର୍ଣ୍ଣ ନରସିଂହପୁର ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଅସହ୍ୟ କୁହୁଡି ଓ ଜାଡରୁ ମୁକ୍ତି ପାଇବା ପାଇଁ ଲୋକମାନେ ସନ୍ଧ୍ୟା ପରେ ଘରୁ ବାହାରୁ ନାହାନ୍ତି। ନରିସିଂହପୁର ଅଞ୍ଚଳ ସହ ବଡମ୍ବାର କିଛି ଅଞ୍ଚଳରେ ଜନସାଧାରଣ ରାସ୍ତାକଡରେ ବଡ ବଡ କାଠଗଣ୍ଡିରେ ନିଆଁ ଲଗାଇ ନିଆଁ ପୁଆଁଉଥିବାର ଲକ୍ଷ୍ୟ କରାଯାଇଛି। ଅପରାହ୍ନରୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଉପଖଣ୍ଡ ଅଧୀନ ୪ଟି ବ୍ଲକର ହାଟ ବଜାରରେ ଜନ ଉପସ୍ଥାନ ସ୍ୱଳ୍ପ ରହୁଛି। ବ୍ୟବସାୟୀମାନେ ସ୍ୱଳ୍ପ ଦରରେ ପନିପରିବା ସହ ଅନ୍ୟାନ୍ୟ ବ୍ୟବସାୟିକ ପଣ୍ୟଦ୍ରବ୍ୟକୁ ବିକ୍ରି କରି ଘରବାହୁଡା ହେବାକୁ ବାଧ୍ୟ ହେଉଛନ୍ତି। ତେବେ ଦୀର୍ଘ ୨୦ ବର୍ଷ ମଧ୍ୟରେ ଆଠଗଡରେ ଏପରି ଶୀତ ଓ କୁହୁଡି ଦେଖାଯାଇ ନ ଥିବାର ପୁରୁଖା ଲୋକମାନେ ପ୍ରକାଶ କରିଛନ୍ତି।



## କୁଆଁପାଳ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ମାହାଙ୍ଗା,୧୨।୧(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ କୁଆଁପାଳ ସ୍ଥିତ କାର୍ତ୍ତିକଶ୍ୱର ପୂଜା କମିଟି ଆନୁକୂଲ୍ୟରେ କୁଆଁପାଳ ବହୁ ପୁରାତନ ଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଶାରଦା ପ୍ରଧାନ ଯୋଗଦେଇ ଯାତ୍ରା କମିଟିର ପୂର୍ବତନ ସଭାପତି ସ୍ୱର୍ଗତ ନଟବର କୁଆଁର ଓ ପ୍ରଭାତ ବାରିକଙ୍କ ପ୍ରତିମୂର୍ତ୍ତି ଓ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶିକ୍ଷାବିତ ଅଭୟ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକଙ୍କ ସମେତ ଯାତ୍ରା କମିଟି ସଭାପତି, କୁଆଁପାଳ ବଜାର କମିଟି ସଭାପତି, ଉପସଭାପତି ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବି ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।



## ୧୬ରେ ଇପିଏଫ୍‌ଓ କାର୍ଯ୍ୟାଳୟ ଘେରଉ ଚେତାବନୀ

**କଟକ,୧୨।୧(ସମିସ):** ଇପିଏଫ ପେନସନ ଆସୋସିଏସନ୍ କଟକ ଜିଲ୍ଲା କମିଟିର କାର୍ଯ୍ୟକାରୀ କମିଟି ବୈଠକ ଖାନନଗର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଅଗାଧୁ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲ୍ଲା ସଂପାଦକ ବିନୋଦ କୁମାର ବେହେରା କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିବା ସହ କେନ୍ଦ୍ର ସରକାର ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଦାନ ସହିତ ମହଙ୍ଗାଭତ୍ତା ଦେବା, ସୁପ୍ରିମକୋର୍ଟଙ୍କ ରାୟ ଭିତ୍ତିରେ ଉଚ୍ଚତମ ପେନସନ ଲାଗୁ କରିବା, ସିବିଟି ଓ ରାଜ୍ୟ ଇପିଏଫ ବୋର୍ଡରେ ପେନସନ ଆସୋସିଏସନର ପ୍ରତିନିଧିଙ୍କୁ ଗ୍ରହଣ କରିବା ଆଦି ଦାବି ପୂରଣ ନ ହେଲେ ଜାନୁଆରୀ ୧୬ ତାରିଖରେ ଭୁବନେଶ୍ୱର ଇପିଏଫର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ବୈଠକରେ ଜାତୀୟ ଉପସଭାପତି ଓ ରାଜ୍ୟ ସଂପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇଥିଲେ। ବିଭିନ୍ନ ଆଲୋଚନାରେ ଭାଗନେଇଥିଲେ ଅଲେଖ ଚରଣ ରାଉତ, ଦେବେନ୍ଦ୍ର କୁମାର ସାହୁ, ବିଜୟ ନାୟକ, ରଘୁନାଥ ବରାଳ, ବନମାଳି ବେହେରା, ଆଦିତ୍ୟ ପଟ୍ଟନାୟକ, ବିଜୟ ସ୍ୱାଇଁ, ରଞ୍ଜନ ଦାସ, ଅନାଦି ଦାସ, ଦୁର୍ଗା ପ୍ରସନ୍ନ ପ୍ରହରାଜ, ପ୍ରଫୁଲ୍ଲ ପରିଡା, ରାମଚନ୍ଦ୍ର ବେହେରା, ସୁରେନ୍ଦ୍ରନାଥ ସାହୁ, ରମେଶ ଚନ୍ଦ୍ର ଖୁଣ୍ଟିଆ, ମୁରଲିଧର ବେହେରା, ଶୁକଦେବ ମହାପାତ୍ର, ବିଜୟ ସାମଲ, ମୃତ୍ୟୁଞ୍ଜୟ ପରିଡା ଓ ନିରଞ୍ଜନ ବେହେରା ପ୍ରମୁଖ ଭାଗନେଇଥିଲେ। ଅଲେଖ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

## ଏନ୍‌ଏମ୍‌ଓ ଏସ୍‌ସିବି ଶାଖା ଗଠନ

**କଟକ,୧୨।୧(ସମିସ):** ନ୍ୟାସନାଲ ମେଡିକୋସ୍ ଅର୍ଗାନାଇଜେସନ(ଏନଏମଓ)ର ଏସ୍‌ସିବି ମେଡିକାଲ ଶାଖା ଗଠନ ହୋଇଛି। ଏସ୍‌ସିବି ମେଡିକାଲର ଡାକ୍ତରମାନଙ୍କୁ ନେଇ ଆୟୋଜିତ ବୈଠକରେ କର୍ମକର୍ତ୍ତା ନିର୍ବାଚନ ହୋଇଥିବା ବେଳେ ଡାକ୍ତର ଭୂପେନ୍ଦ୍ର ବୁଡା ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଡାକ୍ତର ଅଶୋକ କୁମାର ଜେନା ସାଧାରଣ ସମ୍ପାଦକ, ଡାକ୍ତର ନାଗେନ୍ଦ୍ର ରାଜସାମନ୍ତ ଉପସଭାପତି, ଡାକ୍ତର ପରମଜିତ ଦାସ ଆଇଟି ସେଲ୍ ମୁଖ୍ୟ, ଡାକ୍ତର ବିକାଶ କୁମାର ପଣ୍ଡା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କେବଳ ମେଡିକାଲରେ ଚିକିତ୍ସା ନୁହେଁ, ଡାକ୍ତରମାନେ ସମାଜରେ ନିଜକୁ ସ୍ୱତଃପ୍ରୋତ ଭାବେ ସାମିଲ କରି ଏକ ସୁସ୍ଥ ରାଷ୍ଟ୍ର ଗଠନରେ ସହଯୋଗ କରିବାକୁ ଏହି ବୈଠକରେ ଆହ୍ୱାନ ଦିଆଯାଇଥିଲା।

## ଏସ୍‌ସିବିରେ ଜାତୀୟ ଯୁବ ଦିବସ



**କଟକ,୧୨।୧(ସମିସ):** ଏସ୍‌ସିବି ପୁରୁଣା ଅଡିଟୋରିୟମ ହଲ୍‌ରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡାକ୍ତର ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ମତବ୍ୟକ୍ତ କରିଥିଲେ। ଦୀପକ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶରେ ଯୁବଶକ୍ତିର ଆବଶ୍ୟକତା ଦିଗରେ ଆଲୋକପାତ କରିଥିଲେ। ନ୍ୟାସନାଲ ମେଡିକୋସ୍ ଅର୍ଗାନାଇଜେସନ(ଏନଏମଓ)ର ଏସ୍‌ସିବି ମେଡିକାଲ ଶାଖା ସଭାପତି ଡାକ୍ତର ଭୂପେନ୍ଦ୍ର ବୁଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ୱାନ୍ କି ଡୋ ପ୍ରତିଯୋଗିତା




**ଆଠଗଡ଼,୧୨।୧(ସମିସ):** କଟକ ଜିଲ୍ଲା କ୍ୱାନ କି ଡୋ ଆସୋସିଏସନ୍ ଆଠଗଡ଼ ପକ୍ଷରୁ ୨ୟ କ୍ୱାନ କି ଡୋ ପ୍ରତିଯୋଗିତା ୨୦୨୪-୨୫ ସ୍ଥାନୀୟ ଲକ୍ଷ୍ମୀ ବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଲକ୍ଷ୍ମୀ ବଜାରର ଉପସଭାପତି ଅରୁଣ କୁମାର ସାହୁ ସଂପାଦକ ମନୋରଞ୍ଜନ ରାଉତ ଉଦଘାଟନ କରିଥିଲେ। ଏହି ଏକ ଦିବସ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡାବିତମାନେ ଅଂଶଗ୍ରହଣ କରିଥିଲେ। ଆସୋସିଏସନର ସଭାପତି ରୁଦ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସଂଘାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ସଂପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ବଦ୍ରିନାରାୟଣ ବାହିନୀପତି ଯୋଗ ଦେଇଥିଲେ। ବିଭିନ୍ନ ବର୍ଗରେ ୧୪ ସ୍ୱର୍ଣ୍ଣ,୧୧ ରୌପ୍ୟ ୩ କାଂସ୍ୟ ପ୍ରମୁଖ ବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏସନର ପ୍ରତିଯୋଗିତା ନିର୍ଦ୍ଦେଶକ ରାହୁଲ ଜେନା, ରେଫରି ଚେୟାରମାନ ଚନ୍ଦନ ପ୍ରସାଦ ରାଉତ, ଅଭିଜିତ ପରିଡ଼ା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜକ ସଭାପତି ରାକେଶଚନ୍ଦ୍ର ଦାଶ, ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶ୍ରୀତମ କୁମାର ଶତପଥୀ, ପ୍ରତ୍ୟୁଷ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଡ୍ରେନ୍ ନିର୍ମାଣ ନେଇ ସିଏମ୍‌ସିର ଆଭିମୁଖ୍ୟ ଅସ୍ପଷ୍ଟ ■ ସଦରର ୪ଟି ୱାର୍ଡରେ ଦାନା ବାନ୍ଧୁଛି ଜନଅସନ୍ତୋଷ

# ମେୟରଙ୍କୁ ଭେଟିଲା ଦକ୍ଷିଣାଞ୍ଚଳ ନାଗରିକ ସମିତି

**ଫୁଲନଖରା,୧୨।୧(ସମିସ)**

କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତିର ଏକ ୧୨ଜଣିଆ ପ୍ରତିନିଧି ଦଳ କଟକ ମହାନଗର ନିଗମ ମେୟର ସୁବାସ ସିଂହଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଅବହେଳିତ ୪ଟି ୱାର୍ଡରେ ଡ୍ରେନ୍ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ୫୬, ୫୭, ୫୮, ୫୯ନଂ ୱାର୍ଡକୁ ପଞ୍ଚାୟତରୁ ନିଗମରେ ସାମିଲ କରାଯାଇଥିଲେ ବି ଅଦ୍ୟାବଧି ବର୍ଜ୍ୟଜଳ ନିଷ୍କାସନ ପାଇଁ ସୁଚାରୁ ରୂପେ ଡ୍ରେନ୍ ନିର୍ମାଣ ହୋଇପାରିନାହିଁ। ବର୍ଷା ଦିନ ଛଡା ଅନ୍ୟ ସମୟରେ ଅପରିଷ୍କାର ଜଳ ଜମି ରହି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବାରମ୍ବାର ଏ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। କେବଳ ସର୍ଭେ କରାଯାଇ ବିଭିନ୍ନ ଆଳରେ ବର୍ଷ ବର୍ଷ



ଧରି ଫାଇଲକୁ ନାଲି ଫିତା ତଳେ ଚାପି ଦିଆଯାଉଛି। ୨୦୧୬ ମସିହାରେ ଏହି ୪ଟି ୱାର୍ଡକୁ ଜାଇକା ପ୍ରକଳ୍ପରେ ସାମିଲ୍ କରାଯାଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରକଳ୍ପରୁ ପ୍ରତ୍ୟାହାର କରି ନିଆଯାଇଥିଲା। ପୁନଶ୍ଚ ୨୦୨୦ ମସିହାରେ 'ୱାପକସ୍' ସଂସ୍ଥା ସର୍ଭେ କରି ରିପୋର୍ଟ ଦାଖଲ କରିଥିଲେ ବି, କେଉଁ ନୂଆ ଯୋଜନା ସରକାରଙ୍କ ଦ୍ୱାରା ଲାଗୁ କରାଯିବ ତାହା ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ। କେବଳ ବାରମ୍ବାର ପ୍ରତିଶୃତି ୪ଟି ୱାର୍ଡର ଜନସାଧାରଣଙ୍କ ପାଇଁ ପ୍ରତାରଣାରେ ପରିଣତ ହେବାରେ ଲାଗିଛି। ମେୟରଙ୍କୁ ନାଗରିକ ସମିତିର ସଦସ୍ୟମାନେ ଭେଟିବା ପରେ ୪ଟି ୱାର୍ଡ ପାଇଁ ୫୦କୋଟିର ବ୍ୟୟର ଯୋଜନା ରହିଛି ତାହା ତୁରନ୍ତ କାର୍ଯ୍ୟକ୍ଷମ ହେବ ଓ ସେ ନିଜେ ବିଶେଷଜ୍ଞ ଦଳ ସହିତ ଉକ୍ତ ୱାର୍ଡ ଗୁଡିକୁ ପରିଦର୍ଶନ କରି ଏହାର ତଦାରଖ କରିବେ ବୋଲି ଶ୍ରୀ ସିଂହ ଆଲୋଚନା ପ୍ରସଙ୍ଗରେ ପ୍ରକାଶ କରିଥିଲେ। ରାସ୍ତାଘାଟଠାରୁ ଆରମ୍ଭ କରି ଡ୍ରେନେଜ୍ ବ୍ୟବସ୍ଥାରେ ସବୁଠାରେ ପଛରେ ଥିବା ଏହି ୪ଟି ୱାର୍ଡରେ ମାତ୍ର ୫୦କୋଟି ଟଙ୍କା ବ୍ୟୟରେ କିପରି ଏହା ସମ୍ଭବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ, ସରକାରଙ୍କ ଅଞ୍ଚଳପ୍ରତି ବୈମାତୃକ ମନୋଭାବ ୱାର୍ଡ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି। ସମିତିର ଆବାହକ ଅକ୍ଷୟ ରାଉତ, ଡ. ବ୍ରଜକିଶୋର ନାୟକ, ବିଷ୍ଣୁ ମିଶ୍ର, ରାଜକିଶୋର ପଣ୍ଡା, ରମାକାନ୍ତ ନାୟକ, ରମାକାନ୍ତ ସାହୁ, ହରିବଲ୍ଲଭ ଦାସ, ଦୀପ୍ତିରଞ୍ଜନ ସାହୁ, ରାଧାମୋହନ ଦଳବେହେରା, ଦୁଷ୍ମନ୍ତ ଦାସ ଓ ପ୍ରଭାତ ମହାଳିକ ପ୍ରମୁଖ ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରି ଅବିଳମ୍ବେ ଅଞ୍ଚଳର ଡ୍ରେନ୍ ନିର୍ମାଣ ପାଇଁ ମେୟରଙ୍କ ପାଖରେ ଦାବି ଉପସ୍ଥାପନା କରିଥିଲେ।

## ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଯୁବ ଦିବସ




**କଟକ,୧୨।୧(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ବା ଜାତୀୟ ଯୁବଦିବସ, ସଭାପତି ପ୍ରିୟରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶେଖବଜାର ସ୍ଥିତ ଶିଶୁସଦନ ଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା କବି ପିନାକୀ ସିଂହ, ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତିବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଓଁକାର ରାଉତ ଯୋଗଦେଇଥିଲେ। ଉପସଭାପତି କିଶୋର କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହ ସମ୍ପାଦିକା ରାମେଶ୍ୱରୀ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ। ଉକ୍ତ ଆଲୋଚନାଚକ୍ରରେ ରାକେଶ ଶତପଥୀ, ବିମଳ ପ୍ରସାଦ ଜେନା, ରତିରଞ୍ଜନ ଶତପଥୀ, ତନୁଶ୍ରୀ ବାରିକ, ଅନିଲ ଦାସ, ଶରତ ପାତ୍ର, ସିପନ ସ୍ୱାଇଁ, ଜୟନ୍ତ ପ୍ରସାଦ, ଦେବଜ୍ୟୋତି ମହାନ୍ତି, କିଶୋର ଦାସ, ସତ୍ୟନାରାୟଣ ପୃସେଟ, ଦୀପକ ଗୁପ୍ତା ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ।

## ଡ୍ରିମ୍‌ସରେ ବିବେକାନନ୍ଦ ଜୟନ୍ତୀ




**କଟକ,୧୨।୧(ସମିସ):** ଡ୍ରିମସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଓ ଜାତୀୟ ଯୁବ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରି ରାଷ୍ଟ୍ରର ବିକାଶରେ ଯୁବଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଗଣ ପ୍ରାରମ୍ଭରେ ବିବେକାନନ୍ଦଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ପୋରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅକ୍ଷୟ କୁମାର ଜେନା, ଅଧ୍ୟାପକ ଜୟକୃଷ୍ଣ କର, ଗୟାଧାର ବରାଳ, ତ୍ରିଲୋଚନ ବାରିକ ଓ ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଟିଗିରିଆ ରାଜାଙ୍କୁ ଭେଟିଲେ ଆଠଗଡ ବିଧାୟକ

**ଟିଗିରିଆ,୧୨।୧(ସମିସ):** ବୟସାଧିକ ତଥା ସ୍ୱାଭାବିକ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା କାରଣରୁ ଟିଗିରିଆ ଗଡଜାତର ରାଜା ସାହେବ ରାଜାଶ୍ରୀ ବୀରବର କ୍ଷତ୍ରୀୟ ଚମ୍ପୁପତି ସିଂହ ମହାପାତ୍ର ଗତ ସୋମବାର କଟକର ଏକ ଘରୋଇ ଡାକ୍ତରଖାନାରେ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇ ଗତ ଶୁକ୍ରବାର ତାଙ୍କ ଟିଗିରିଆସ୍ଥିତ ବାସଭବନକୁ ଫେରିଛନ୍ତି। ତେବେ ବର୍ତ୍ତମାନ ତାଙ୍କ



ସ୍ୱାସ୍ଥ୍ୟବସ୍ଥା ଠିକ ଥିବାର ଜଣାପଡିଛି। ଏହି ଖବର ପାଇ ରବିବାର ସଂଧ୍ୟାରେ ଆଠଗଡ-ଟିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜା ସାହେବଙ୍କ ଟିଗିରିଆସ୍ଥିତ ବାସଭବନକୁ ଆସି ତାଙ୍କୁ ଦେଖା କରିବା ସହ ତାଙ୍କ ସହ ଆଲୋଚନା ପୂର୍ବକ ସ୍ୱାସ୍ଥ୍ୟବସ୍ଥା ବୁଝି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଶ୍ରୀ ଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ

**ଫୁଲନଖରା,୧୨।୧(ସମିସ):** ତେଲେଙ୍ଗାପେଣ୍ଠ ନିକଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୫ ତମ ବାର୍ଷିକ ଉତ୍ସବ ପବିତ୍ର ଗାନ୍ଧିସ୍ମୃତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପୂର୍ବତନ ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ ମୁଖ୍ୟଅତିଥି, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡଃ ବିଶ୍ୱଜିତ ଘୋଷ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ, ବରିଷ୍ଠ ନାଗରିକ ତଥା ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର, ପରିଚାଳନା କମିଟିର ଉପସଭାପତି ଉମା ମିଶ୍ର ଓ ଟ୍ରଷ୍ଟି ଦେବାଶିଷ ବେହେରା ଯୋଗଦେଇଥିଲେ। ସହସଂପାଦକ ଡା. ଅରବିନ୍ଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିଭା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ ଚଳିତ ବର୍ଷର ଶ୍ରେଷ୍ଠ ଶୃଙ୍ଖଳିତ ବିଦ୍ୟାର୍ଥୀ ଭାବରେ ବିଶ୍ୱଜିତ୍ ଶତପଥୀ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ସୌଭାଗ୍ୟ ରଞ୍ଜନ ନାୟକଙ୍କୁ ଟ୍ରଫି ଓ ମାନପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ପ୍ରଦ୍ୟୁମ୍ନ କୁମାର ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ କମଳାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ।

## ସୂର୍ଯ୍ୟବିହାର ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ



**କଟକ,୧୨।୧(ସମିସ):** ଲିଙ୍କରୋଡସ୍ଥିତ ସୂର୍ଯ୍ୟବିହାର ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ ଜେନିଥ୍ କ୍ଲବ୍ ଆନୁକୂଲ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜନାର୍ଦ୍ଦନ ମହାନ୍ତି, ମୁଖ୍ୟବକ୍ତା ଭାବେ କିଟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ପ୍ରଦୋଷ କୁମାର ପଟ୍ଟନାୟକ ଓ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଗୋପାଳ ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ଆଇନଜୀବି ଅମୀୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ସଞ୍ଜୀବ କୁମାର ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ନରେଶ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା ଓ ସ୍ୱାଗତ ସମ୍ଭାଷଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧୀରେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜେନିଥ କ୍ଲବ୍ ମହିଳା ଶାଖା ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିଦ୍ୟାର୍ଥୀଙ୍କ ପକ୍ଷରୁ ସଡ଼କ ସୁରକ୍ଷା ଶୋଭାଯାତ୍ରା

**କନ୍ଦରପୁର,୧୨।୧(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍କାଉଟ ଓ ଗାଇଡ ବିଦ୍ୟାର୍ଥୀମାନେ ଏକ ସଡ଼କ ସୁରକ୍ଷା ଶୋଭାଯାତ୍ରା ବାହାର କରିଥିଲେ। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏହି ଶୋଭାଯାତ୍ରା କନ୍ଦରପୁର ବଜାର ପରିକ୍ରମା କରି ପଥଚାରୀଙ୍କୁ ସଚେତନ କରିଥିଲେ। ଦ୍ରୁତ ଗତିରେ ଗାଡି ନ ଚଳାଇବା, ହେଲମେଟ ପିନ୍ଧିବା ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ପ୍ରଭାକର ବେହେରା, ସ୍କାଉଟ ମାଷ୍ଟର ଅନୁସୂୟା ମହନ୍ତ, ଗାଇଡମାଷ୍ଟର ଶୁଭକାନ୍ତ ସାହୁ, ରଞ୍ଜନ ନନ୍ଦ, ପ୍ରଭାତ ପ୍ରଧାନ ଓ ନିବେଦିତା ଓଝା ଏହି ଶୋଭାଯାତ୍ରାରେ ନେତୃତ୍ୱ ନେଇଥିଲେ।

### ପ୍ରତିଭା ଅନ୍ୱେଷଣ ଓ ସଂଗୀତ ସମାରୋହ କାର୍ଯ୍ୟକ୍ରମ

## ସଂଗୀତରେ ମାନସିକ ଶାନ୍ତି ଓ ସ୍ଥିରତା ଆସେ




**ନିଶ୍ଚିନ୍ତକୋଇଲି,୧୨।୧(ସମିସ):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ନିକଟସ୍ଥ ମାନସ ମଣ୍ଡପ ଠାରେ ବେଲେଶ୍ୱରୀ ସଂଗୀତ କଳାନିକେତନ ଓ ଗୋପିନାଥ ବେହେରା ଫାଉଣ୍ଡେସନ କଟକ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ ସଂଗୀତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଳାନିକେତନର ପ୍ରତିଷ୍ଠାତା ସମ୍ପାଦକ ତଥା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ତବଲା ଗୁରୁ ଗୋପୀନାଥ ବେହେରାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରି ମାନସିକ ସ୍ଥିରତା, ଶାନ୍ତି ଓ ରୋଗ ପ୍ରତିହତ ପାଇଁ ସଂଗୀତର ଆବଶ୍ୟକତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବେଲେଶ୍ୱରୀ ସଂଗୀତ କଳାନିକେତନର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାକୁ ଅନ୍ୱେଷଣ କରି ସେମାନଙ୍କୁ ସଫଳ ପଥରେ ନେବା ପାଇଁ ଏହି ଅନୁଷ୍ଠାନ ଉଦ୍ୟମ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମଧୁସ୍ମିତା ରାଉତ ଓ ସଂଗଠନ ସମ୍ପାଦକ ପ୍ରମୋଦ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଓଡ଼ିଆ ଭଜନ, ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟ, ତବଲା ବାଦନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ୨ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଗାୟକ ପ୍ରଶାନ୍ତ କୁମାର ମହାରଣା, ସୁଧାକର ମିଶ୍ର, ଶରତ ନାୟକ, ପ୍ରଫୁଲ୍ଲ ବେହେରା, ତୀର୍ଥାନନ୍ଦ ମହାନ୍ତି, ରବୀନ୍ଦ୍ର ମିଶ୍ରଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଦେବାଶିଷ ମହାନ୍ତି, ଅଜୟ ଦାସ, ଦାମୋଦର ରାଉତ, ଭାଗ୍ୟଧର ସାହୁ, ସୁଶାନ୍ତ ମଲିକ, ସର୍ବେଶ୍ୱର ସ୍ୱାଇଁ, ଯୋଗେନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ସହସମ୍ପାଦକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଯୁବ ଦିବସରେ ଗଣଦୌଡ଼

**ଚୌଦ୍ୱାର,୧୨।୧(ସମିସ):** ସ୍ୱେଚ୍ଛାସେବୀ ଯୁବ ଅନୁଷ୍ଠାନ ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ଓ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଦ୍ୱାଦଶ ବାର୍ଷିକୋତ୍ସବ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭାତରେ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡିଆ ଠାରୁ ଗଣଦୌଡ଼ ଆରମ୍ଭ ହୋଇଥିଲା। ଜାତୀୟ କ୍ରୀଡାବିତ୍ ନଳିନୀକାନ୍ତ ମିଶ୍ର, ପ୍ରତିମା ମିଶ୍ର, କବିସୂର୍ଯ୍ୟନଗର ପୌରନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ବିଜୟ ସାହୁ, ଚୌଦ୍ୱାର ଥାନା ଏସଆଇ ଆଶୁତୋଷ ପାଣି, କାଉନସିଲର ବିନୋଦିନୀ ରାଉତରାୟ, ଶରତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଯୁବ ଦୌଡ଼ାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଗଣଦୌଡ଼ରେ ୫୦୦ରୁ ଉର୍ଦ୍ଧ୍ୱ ଯୁବକ, ଯୁବତୀ, ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଚୌଦ୍ୱାର ଅଞ୍ଚଳର ୧୦ କିମି ରାସ୍ତା ପରିକ୍ରମା କରିଥିଲେ। ପରେ ଅନୁଷ୍ଠିତ ଡିବେଟ, କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂଗଠନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀସ୍ଥିତ ଜଳୌକା ଆନନ୍ଦ ଧାମର ମହନ୍ତ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ



ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଭୀମସେନ ବିଶ୍ୱାଳ, ସୁରେଶ ରାଉତରାୟ, ସୁଜିତ୍ ଦାସ, ମାନସ ଖୁଣ୍ଟିଆ, ଦୀପକ ସେନାପତି, ମୋହନ ବେହେରା, ଜିତେଶ ମହାନ୍ତି, ନୃସିଂହ ଆଚାର୍ଯ୍ୟ, ରଂଜିତ୍‌କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

